## ଦୁର୍ଘଟଣାରେ ବରାଡିଆ କାର୍ଯ୍ୟନିର୍ବାହୀ ଅଧିକାରୀ ମୃତ

ରାଜକନିକା,(ଡି.ଏନ.ଏ.): ରାଜକନିକା ଥାନା ବରାଡିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା ସଡକ ଦୁର୍ଘଟଣାରେ ଗୁରୁବାର ପ୍ରାଣ ହରାଇଛନ୍ତି। ମହାକାଳପଡାରୁ ବାଇକ୍ ଯୋଗେ ରାଜକନିକାକୁ ଆସୁଥିବା ବେଳେ ବୋଲେରୋ ପଛରୁ ଆସି ଧକ୍କା ଦେଇଥିଲା। କଟକ- ଚାନ୍ଦବାଲି ରାସ୍ତାର ପତରପୁର ପୋଲ ପାଖ ସ' ମିଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ବିଡିଓଙ୍କ ଅଧକ୍ଷତାରେ ଶୋକସଭା କରାଯାଇଥିଲା। ବ୍ଲକ ପକ୍ଷରୁ ତାଙ୍କ ଶୁଦ୍ଧକ୍ରିୟା ପାଇଁ ୫ ହଜାର ଟଙ୍କା ପଠାଯାଇଛି। ତାଙ୍କ ପରଲୋକରେ ସରପଞ୍ଚ କୁନ୍ତଳା ରାଉତ, ସମିତିସଭ୍ୟ ମଙ୍ଗୁଳି ବେହେରା ଶୋକ ପ୍ରକାଶ କରିଛନ୍ତି।

## ଆଜି କ'ଣ କେଉଁଠି

ରାଜନଗର
- ପଲ୍ଲିଶ୍ରୀ ଯୁବକ ସଂଘ ପକ୍ଷରୁ ଚଞ୍ଚଳା କ୍ରିକେଟ ଟ୍ରଫି, ବଡପଲ୍ଲୀ, ରାଜନଗର, ପୂର୍ବାହ୍ନ ୧୦ଟା

କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଦିବସ, କଲେଜ ପରିସର, କେନ୍ଦ୍ରାପଡ଼ା,ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ସ୍କୁଲ ଉଚ୍ଛେଦକୁ ବିରୋଧ କରି ଧାରଣା

**ଧର୍ମଶାଳା,୧୧।୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତ ଗୋଗଳ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଉଚ୍ଛେଦ ପ୍ରତିବାଦରେ ଗୁରୁବାର ଗ୍ରାମବାସୀ ଓ ଅଭିଭାବକ ସ୍କୁଲ ସମ୍ମୁଖରେ ଧାରଣାରେ ବସିଥିଲେ। ୧୯୮୭ରୁ ପ୍ରତିଷ୍ଠା ହୋଇଥିବା ସ୍କୁଲକୁ ଉଚ୍ଛେଦ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଦାବି କରାଯାଇଥିଲା। ଧାରଣାରେ ବିଦ୍ୟାଳୟ ସୁରକ୍ଷା କମିଟିର ଉତ୍ତମ ସାହୁ, ଶ୍ରୀଧର ମହାରଣା, ବିଦ୍ୟୁଲତା ବିଶ୍ୱାଳ, ସସ୍ମିତା ସାହୁ, ତନୁପ୍ରଭା ମଲିକ, ପରିକ୍ଷିତ ମହାରଣା ଓ ବଟକୃଷ୍ଣ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଗୋଗଳ ସ୍କୁଲକୁ ଉଚ୍ଛେଦ କରାଯାଇ ଲାଲବାହାଦୁର ଉଚ୍ଚ ବିଦ୍ୟାଳୟ ସହିତ ମିଶ୍ରଣ କରାଯିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି।

### ରାହାଡ଼ପୁର ପାହାଡ଼ରେ ପୁଣି ଚଢ଼ାଉ

**ଧର୍ମଶାଳା,୧୧।୨(ଡି.ଏନ.ଏ.):** ଧର୍ମଶାଳା ତହସିଲ ପକ୍ଷରୁ ଗୁରୁବାର ପୁଣି ରାହାଡ଼ପୁର ପାହାଡ଼ରେ ଚଢାଉ କରାଯାଇଛି। ଏହି ଚଢାଉ ୪ର୍ଥ ଦିନରେ ପହଞ୍ଚିଛି। ସତ୍ୟଭାମା ଟ୍ରେଡର୍ସକୁ କେଉଁଠୁ କଞ୍ଚାମାସଲ ଆସିଲା ସେ ନେଇ ଉତ୍ତର ଦେବାକୁ ନୋଟିସ ଜାରି କରାଯାଇଛି। ସେହିପରି ୧୦ନଂ ସଇରାତକୁ ରହିଥିବା ମୁଖ୍ୟ ରାସ୍ତାକୁ ଜେସିବି ମେଶିନ ଦ୍ୱାରା କାଟି ଦିଆଯାଇଛି। ଏହିଭଳି ବେଆଇନ କାର୍ଯ୍ୟ ଦୀର୍ଘଦିନ ହେବ ଚାଲୁ ରହିଥିବାରୁ ତହସିଲ ପକ୍ଷରୁ କ୍ରମାଗତ ଚଢାଉ ଜାରି ରହିଛି। ଚଢାଉରେ ତହସିଲଦାର ପ୍ରଶାସନ୍ତ କୁମାର ସାମନ୍ତରାୟ, ବିରଞ୍ଚି ବୋଇତେଇ, ମନୋଜ ସାମଲ, ଚନ୍ଦନ ସାହୁ ଓ ଜଗବନ୍ଧୁ ଜେନା ପ୍ରମୁଖ ସାମିଲଥିଲେ।

### ନୟାଗଡ଼ ଜିଲା ପାଇଁ ଭାଜପାର ୨୮ ଜଣିଆ କମିଟି

**ନୟାଗଡ ଅଫିସ,୧୧।୨:** ନୟାଗଡ ଜିଲା ପାଇଁ ଭାଜପାର ଜିଲା ସଭାପତି ଲାଲା ମନୋଜ ରାୟ ଜିଲା କମିଟି ଗଠନ କରିଛନ୍ତି । ତାଙ୍କ ଟିମ୍‌ରେ ତାଙ୍କୁ ମିଶାଇ ୨୮ ଜଣ ଅଛନ୍ତି । ଭୁବନେଶ୍ୱରୀ ସାହୁ, ପ୍ରଦୀପ କୁମାର ପଟ୍ଟନାୟକ, ବିକ୍ରମ କେଶରୀ ଦେଓ, ଭୀମସେନ ସେଠୀ, ଅନୁସୟା ସାହୁ, ଆରତୀ କୃପାସିନ୍ଧୁ ଗୌଡ, ଅହଲ୍ୟା ମାଝି, ମଞ୍ଜୁବାଳା ସାମନ୍ତରାୟ ପ୍ରମୁଖ ୮ଜଣ ଉପସଭାପତି ଅଛନ୍ତି । ସେହିପରି ପ୍ରଦୀପ୍ତ ମହାପାତ୍ର, ପରେଶ ମିଶ୍ର, ବସନ୍ତ ମହାନ୍ତି ପ୍ରମୁଖ ୩ଜଣ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି । ଭଗବାନ ସେଠୀ, ଚନ୍ଦ୍ର ଶେଖର ଦାଶ, ପ୍ରେମାନନ୍ଦ ମହାପାତ୍ର, ତାପସ ରଞ୍ଜନ ମାର୍ଥା, ସୋଫିତ ମିଶ୍ର, ମମତା ବେହେରା, ମିନାକ୍ଷୀ ନନ୍ଦ, ମଧୁ ସିଂ ପ୍ରମୁଖ ୮ଜଣ ସମ୍ପାଦକ ଅଛନ୍ତି। କୋଷାଧକ୍ଷ ଭାବେ ପ୍ରଭାତ ଷଡଙ୍ଗୀ ଓ ୭ଜଣ ମୋର୍ଚ୍ଚା ସଭାପତି ଭାବେ ପୃଥ୍ୱୀରାଜ ଦଳବେହେରା, ଅର୍ଚ୍ଚନା ଦାସ, ଶିବଶଙ୍କର ମହାନ୍ତି, ଜ୍ଞାନରଞ୍ଜନ ସାହୁ, ସୁଶାନ୍ତ ନାୟକ, ଗୋରେଖ କଅଁର, କମଳ ହୁସେନ ସ୍ଥାନ ପାଇଛନ୍ତି ।

### ଭେରାଇଟି ଷ୍ଟୋରରେ ଜିଏସ୍‌ଟି ଚଢ଼ାଉ

**କେନ୍ଦ୍ରାପଡ଼ା ଅଫିସ, ୧୧।୨:** କେନ୍ଦ୍ରାପଡ଼ା ସହରର କାକଟସ୍ଥିତ ଏକ ବ୍ୟବସାୟ ପ୍ରତିଷ୍ଠାନରେ ଜିଏସ୍‌ଟି ବିଭାଗର କେନ୍ଦ୍ରୀୟ ଟିମ୍ ଗୁରୁବାର ଚଢାଉ କରିଛି। ଏହି ବ୍ୟବସାୟୀ ଜଣକ ଜିତ୍ ମାର୍କେଟିଂ ଓ ପିପି ଲଜିଷ୍ଟିକ୍ ନାମରେ ଦୁଇଟି ପ୍ରତିଷ୍ଠାନ ଖୋଲି କୋଟି କୋଟି ଟଙ୍କାର ବ୍ୟବସାୟ କରୁଥିବାବେଳେ ଜିଏସ୍‌ଟି ଫାଙ୍କି ଚାଲିଥିବା ଅଭିଯୋଗ ହୋଇଥିଲା। କେନ୍ଦ୍ରୀୟ ଟିମର ୧୫ରୁ ଉର୍ଦ୍ଧ୍ୱ ପଦାଧିକାରୀ ପହଞ୍ଚି ଚଢାଉ ଜାରି ରଖିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବ୍ୟବସାୟୀ ଜଣକ ବିଭିନ୍ନ ନାମୀଦାମୀ କମ୍ପାନୀର ସାମଗ୍ରୀ ହୋଲସେଲିଂ କରି ଆସୁଛନ୍ତି। ଏପରିକି ବିଭିନ୍ନ ବିଦେଶୀ ବ୍ରାଣ୍ଡ ସାମଗ୍ରୀର ବ୍ୟବସାୟ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଯେଉଁଥିରୁ ବିପୁଳ ପରିମାଣର ଲାଭ ଉଠାଉଥିଲେ ମଧ ଜିଏସ୍‌ଟି ଫାଙ୍କି ଚାଲିଥିଲେ। ରିପୋର୍ଟ ଲେଖା ହେବା ଯାଏ ଚଢାଉ ଜାରି ରହିଛି।

# ୫୦ ପରିବାର ମୌଳିକ ସୁବିଧାରୁ ବଞ୍ଚିତ

**ରସୁଲପୁର ବ୍ଲକ**
- ଆଦମପୁର ଶବର ସାହିରେ ସରକାରୀ ଯୋଜନା ଅପହଞ୍ଚ

ରସୁଲପୁର,୧୧।୨(ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କୁ ବିଭିନ୍ନ ଯୋଜନାରେ ସହାୟତା କରୁଥିବା କହୁଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ଅନେକ ସ୍ଥାନରେ ଏହି ଯୋଜନା ପହଞ୍ଚି ପାରୁନାହିଁ। ଯଦ୍ଦ୍ୱାରା ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତ ଆଦମପୁର ଶବର ସାହିରେ। ଏଠାରେ ୫୦ରୁ ଉର୍ଦ୍ଧ୍ୱ ପରିବାର ଦୀର୍ଘଦିନ ହେବ ବସବାସ କରିଆସୁଛନ୍ତି। ହେଲେ ଅନେକ ପରିବାର ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇନାହାନ୍ତି। ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁନାହିଁ। ଅଳ୍ପ କେତୋଟି ପରିବାରକୁ ଆବାସ ମିଳିଛି। ବସ୍ତିବାସିନ୍ଦାଙ୍କ ଆର୍ଥିକ ସ୍ଥିତି ଏମିତି ଯେ ସେମାନେ ଭଲ ପୋଷାକ ଖଣ୍ଡେ ବି ପିନ୍ଧି ପାରୁନାହାନ୍ତି। ପାନୀୟ ଜଳ ସମସ୍ୟା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ଏଠାରେ ଗୋଟିଏ ସରକାରୀ ନଳକୂପ ସ୍ଥାପନ କରାଯାଇଥିଲା। ତାହା ଏବେ ଅଚଳ ଅବସ୍ଥାରେ ରହିଛି। ପାଇଖାନା ସୁବିଧା ନ ଥିବାରୁ ଲୋକେ ବାହାରେ ମଳମୂତ୍ର ତ୍ୟାଗ କରୁଛନ୍ତି। ତେବେ ବ୍ଲକର ଅନେକ ପଞ୍ଚାୟତ ବାହ୍ୟ ମଳମୁକ୍ତ ବୋଲି ଘୋଷଣା କରାଯାଇଛି। ହେଲେ ଏଠାରେ ପାଇଖାନାଟିଏ ନ ଥିବା ସମସ୍ତଙ୍କୁ ଚକ୍କିତ କରୁଛି। ସାହିର ମାନସୀ ଦେହୁରୀ, ସୁଲୋଚନା ଦେହୁରୀ, ଅମିତ ଦେହୁରୀ, ଆଲୋକ ଦେହୁରୀଙ୍କ ଭଳି ଏକାଧିକ ପରିବାରକୁ ରାଶନ କାର୍ଡ ମିଳିପାରି ନାହିଁ। ସେହିପରି କାର୍ତ୍ତିକ ଦେହୁରୀ, ଗୟାଧର ଦେହୁରୀ, ଶ୍ରୀଧର ଦେହୁରୀ, ବେଣୁ ଦେହୁରୀ, ରେଣୁ ଦେହୁରୀ, ଦୁର୍ଯ୍ୟୋଧରନ ସାମଲ, ସୁଶାନ୍ତ ସାମଲ, ସୁରିଆ ଦେହୁରୀଙ୍କ ସମେତ ଅନେକ ପରିବାରକୁ ଆବାସ ମିଳିନାହିଁ। ବ୍ଲକ ଅଞ୍ଚଳର ଅନେକ ପଞ୍ଚାୟତରେ କୋଠାଘର ଥିବା ପରିବାରକୁ ଆବାସ ମିଳୁଥିବା ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ହେଲେ ଏଠାରେ ଯୋଗ୍ୟଙ୍କୁ କେଉଁ କାରଣରୁ ଘର ମିଳି ପାରିନାହିଁ ତାହା ବୁଝିବା କଷ୍ଟ। ସାହିର ଜଗନ୍ନାଥ ଦେହୁରୀ, ନୃସିଂହ ଦେହୁରୀ, କାର୍ତ୍ତିକ ଦେହୁରୀ, ଘନ ହେହୁରୀ, ରୀନା ଦେହୁରୀ, ସୁର ସାମଲ, ପ୍ରେମଲତା ଦେହୁରୀ ପ୍ରମୁଖ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଯୋଗ୍ୟ ହୋଇସାରି ଥିଲେ ବି ସେମାନଙ୍କୁ ଭତ୍ତା ମିଳିପାରୁ ନାହିଁ। ସ୍ୱଚ୍ଛ ଭାରତ ମିଶନ ଜରିଆରେ ନିର୍ମାଣ ହେଉଥିବା ପାଇଖାନା ସମ୍ପର୍କରେ ସେମାନେ ଅଜଣା। ଏହାଛଡା ସେମାନେ ସଅର ସମ୍ପ୍ରଦାୟର ହୋଇଥିଲେ ବି ଶବର ବୋଲି ଦର୍ଶାଯାଇଛି। ତେଣୁ ଏହାକୁ ପରିବର୍ତ୍ତନ ଦିଗରେ କେହି ସାହାଯ୍ୟ କରୁ ନ ଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସେମାନେ ଗରିବ ଓ ଅପାଠୁଆ ହୋଇଥିବାରୁ ସରକାରଙ୍କ ଅନେକ ଯୋଜନା ସମ୍ପର୍କରେ ଜାଣିନାହାନ୍ତି। ତେଣୁ ପ୍ରଶାସନ ଏହି ସାହି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ଉମାକାନ୍ତ ପରିଡ଼ା କହିଛନ୍ତି, ସେହି ଗ୍ରାମ ସମସ୍ୟା ସମ୍ପର୍କରେ ଆମ ପାଖରେ କୌଣସି ସୂଚନା ନ ଥିଲା। ତେବେ ଖୁବ୍‌ଶୀଘ୍ର ପ୍ରଶାସନିକ ଅଧିକାରୀ ପହଞ୍ଚି ଲୋକଙ୍କ ସମସ୍ୟା ସମାଧନା କରିବେ।



ଆଦମପୁର ସାହି ବାସିନ୍ଦା।

# ଚତୁର୍ଥୀ ପୂର୍ବରୁ ଟ୍ରକ୍ ଧକ୍କାରେ ବର ମୃତ

**ନବବିବାହିତା ସ୍ତ୍ରୀଙ୍କୁ ଆଣିବାକୁ ଭୁବନେଶ୍ୱର ଯାଉଥିଲେ**

ଚଣ୍ଡିଖୋଲ/ଦଶରଥପୁର, ୧୧।୨(ଡି.ଏନ.ଏ.)

ଭଲପାଇ ୨ ଦିନ ତଳେ ବିବାହ କରିଥିବା ସ୍ତ୍ରୀଙ୍କୁ ଚତୁର୍ଥୀ ଏବଂ ଭୋଜିଭାତଲାଗି ଭୁବନେଶ୍ୱରରୁ ଘରକୁ ଆଣିବାକୁ ଯାଇଥିବା ସ୍ୱାମୀଙ୍କ ଟ୍ରକ୍ ଧକ୍କାରେ ଗୁରୁବାର ମୃତ୍ୟୁ ଘଟିଛି। ଏହାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏପରି ଘଟଣାଘଟିଛି ଦଶରଥପୁର ବ୍ଲକ ଅଧୀନ ଥାଲକୁଡି ଗ୍ରାମରେ।

ସୂଚନା ଅନୁଯାୟୀ, ଗ୍ରାମର ଅଜୟ ବିଶ୍ୱାଳଙ୍କ ପୁଅ ଦୀପକ(୨୫) ଭୁବନେଶ୍ୱରସ୍ଥିତ ଏକ ଘରୋଇ ସଂସ୍ଥାରେ ତାଙ୍କ ସହ କାମ କରୁଥିବା ପୁରୀ ଜିଲାର ଜଣେ ଯୁବତୀଙ୍କୁ ଭଲପାଇ ବିବାହ କରିଥିଲେ। ଗ୍ରାମରେ ଚତୁର୍ଥୀ ସହ ଭୋଜି ଲାଗି ଦୀପକ ଗୁରବାର ପୂର୍ବାହ୍ନରେ ବାଇକ୍ ଧରି ତାଙ୍କ ଜୀବନ ସାଥୀଙ୍କୁ ଆଣିବାକୁ ଭୁବେନଶ୍ୱର ଯାଇଥିଲେ। ୧୬ ନମ୍ବର ଜାତୀୟ ରାଜପଥର ବଡ଼ଚଣା ଥାନା ଅଧୀନ କଢେଇପୋଲଠାରେ ଏକ ଧାନ ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବଡ଼ଚଣା ପୋଲିସ ଦୀପକଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଚଣା ପୋଲିସ୍ ଏ ସଂକ୍ରାନ୍ତରେ ମଙ୍ଗଳପୁର ଥାନାକୁ ଜଣାଇବା ପରେ ଦୀପକଙ୍କ ପରିବାରକୁ ସୂଚନା ଦିଆଯାଇଥିଲା। ମୃତଦେହକ ବ୍ୟବଚ୍ଛେଦ କରାଇବା ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୀପକଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପରିବା ବ୍ୟବସାୟୀଙ୍କ କବ୍‌ଜାରେ ଯାତ୍ରୀ ବିଶ୍ରାମାଗାର

ନାଉଗାଁ,୧୧।୨(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଡେରିକି ପଞ୍ଚାୟତର ଗଙ୍ଗଦା ହାଟର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ରହିଛି ଏକ ଯାତ୍ରୀ ବିଶ୍ରାମାଗାର। ଏହା ଏବେ ପରିବା ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ଏନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତତ୍କାଳୀନ ଏମ୍‌ପି ରଞ୍ଜୀବ ବିଶ୍ୱାଳଙ୍କ ଅନୁଦାନ ପାଣ୍ଠିରେ ଏହି ବିଶ୍ରାମାଗାର ନିର୍ମାଣ ହୋଇଥିଲା। ନିର୍ମାଣ ହେବା ପରଠୁ ଏହା ପଞ୍ଚାୟତ ଅଧୀନରେ ରହିଛି। ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପଞ୍ଚାୟତକୁ ଦିଆଯାଇଛି। ମାତ୍ର ଏଠାକୁ ଯାତ୍ରୀ ଆସିବା ପରିବର୍ତ୍ତେ ମାଛ ଓ କୁକୁଡା ବେପାରୀ କବ୍‌ଜା କରି ନେଇଥିଲେ। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ପ୍ରଶସାନ ପକ୍ଷରୁ ୫ ବର୍ଷ ତଳେ ବିଶ୍ରାମାଗାରରୁ ସମ୍ପୃକ୍ତ ବେପାରୀମାନଙ୍କୁ ଉଠାଇ ଦିଆଯାଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ୨ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଏହାକୁ ମରାମତି କରାଯିବା ସହ ମାର୍ବଲ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏଠାରେ ପରିବା ବ୍ୟବସାୟୀ ବସି ପରିବା ବିକୁଛନ୍ତି। ବିଶ୍ରାମାଗାର ମଧ୍ୟକୁ ଯିବା ବାଟରେ ବ୍ୟବସାୟୀମାନେ ପରିବା ବିକିଥିବାରୁ ଯାତ୍ରୀମାନେ ଭିତରକୁ ପ୍ରବେଶ କରିପାରୁନାହାନ୍ତି। ଏହାଛଡ଼ା ପାର୍ଶ୍ୱରେ ପରିବା ଚୋପା ଓ ଆବର୍ଜନା ପଡ଼ି ଏକ ପ୍ରକାର ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଫଳରେ ଦୂରଦୂରନ୍ତାରୁ ଆସୁଥିବା ଯାତ୍ରୀମାନେ ଦୋକାନ ବାରଣ୍ଡା, ରାସ୍ତା ପାର୍ଶ୍ୱରେ ଦୀର୍ଘ ସମୟ ଠିଆ ହୋଇ ଗାଡିକୁ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧାକୁ ଦୃଷ୍ଟିରେ ରଖି ବିଶ୍ରାମାଗାରକୁ ସଫାସୁତୁରା କରିବା ସହ ପରିବାବେପାରୀଙ୍କ କବ୍‌ଜାରୁ ଏହାକୁ ମୁକୁଳାଇବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ପାତ୍ର କହିଛନ୍ତି, ଏ ବିଷୟରେ ଆମେ ଅବଗତ ନ ଥିଲୁ। ଖୁବ୍‌ଶୀଘ୍ର ଏନେଇ ପଦକ୍ଷେପ ନିଆଯିବ।



ଯାତ୍ରୀ ବିଶ୍ରାମାଗାରରେ ପରିବାର ବ୍ୟବସାୟ ଚାଲିଛି।

## ଗୋଚର ଜମି ଜବରଦଖଲ ମୁକ୍ତ ପାଇଁ ଦାବି

କେନ୍ଦ୍ରାପଡ଼ା ଅଫିସ, ୧୧।୨

କେନ୍ଦ୍ରାପଡ଼ା ତହସିଲ ଜମଧର ପଞ୍ଚାୟତ ପାଣ୍ଡିରି ଗ୍ରାମରେ ଥିବା ଗୋଚର ଜମି ଜବରଦଖଲ ହୋଇଛି। ଏହି ଜମିରେ ଗୃହ ନିର୍ମାଣ ପାଇଁ ମାଟି ପଡୁଛି। ଏପରି ଅଭିଯୋଗ ଆଣି ସ୍ଥାନୀୟ ଗ୍ରାମବାସୀ ଗୁରୁବାର ଏଡିଏମ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ଗ୍ରାମର ଜଗନ୍ନାଥ ମହାନ୍ତି ପ୍ରକାଶ କରିଛନ୍ତି, ଏହି ଜମିରେ ଏକ ନିଗମର କାର୍ଯ୍ୟାଳୟ ପାଇଁ ଲିଜ ଦିଆଯାଇଛି। ତେବେ ଗୋଚର ଜମିକୁ ତହସିଲ କର୍ତ୍ତୃପକ୍ଷ କିପରି ଲିଜ ଦେଲେ, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ନିଗମ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ପାଇଁ ମେଡିକାଲ ଛକରେ ଏକ ଜମିକୁ ଲିଜ ନେଇଛନ୍ତି। ସେଠାରେ ଜମିକୁ ଘେରାବନ୍ଦି କରି ଦୀର୍ଘଦିନ ହେବ ରଖିଥିଲେ ମଧ କାର୍ଯ୍ୟାଳୟ ଗୃହ ନିର୍ମାଣ କରୁନାହାନ୍ତି। ଅପରପକ୍ଷରେ ଗ୍ରାମରେ ଥିବା ଗୋଚରକୁ ପୋତି କାର୍ଯ୍ୟାଳୟ ନିର୍ମାଣ ପାଇଁ ଉଦ୍ୟମ ହୋଇଛି। ଯାହା ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ଅଛି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଆସନ୍ତା ୧୭ ତାରିଖରେ ଏହି ଅଭିଯୋଗର ଶୁଣାଣି ହେବ।

# ଭିତରକନିକାରେ ୨ ପକ୍ଷୀ ମୃତ, ବାର୍ଡ ଫ୍ଲୁ ଆଶଙ୍କା



ନାଳ ଓ ବନ୍ଧରେ ପଡିଥିବା ଦୁଇ ମୃତପକ୍ଷୀ।

ରାଜନଗର, ୧୧।୨(ଡି.ଏନ.ଏ.)

ପକ୍ଷୀ ବିହାର ରୂପେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନର ଆର୍ଦ୍ରଭୂମିରେ ଏବେ ବିଦେଶାଗତ ପକ୍ଷୀମାନଙ୍କର ସମାଗମ ହୋଇଛି। ବହିରାଗତ ପକ୍ଷୀ ଭିତରକନିକାରେ ପାଦ ଥାପିଥିବା ବେଳେ ବାର୍ଡ ଫ୍ଲୁ ଆଶଙ୍କା ପ୍ରକାଶ ପାଇଛି। ଏହାର ଏକ ନଜୀର ସାମ୍ନାକୁ ଆସିଛି। ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ରାବଣେଶ୍ୱର ଗାଁ ଠାରୁ କିଛି ଦୂରରେ ଗୁରୁବାର ୨ ପକ୍ଷୀଙ୍କର ମୃତଦେହ ମିଳିଛି। ଈଶ୍ୱରପୁର-ଜୁନୁସନଗର ରାସ୍ତା କଡରେ ଥିବା ଏକ ନାଳରେ ଗୋଟିଏ ମୃତ ପକ୍ଷୀ ଭାସୁଥିବା ବେଳେ ଆଉ ଏକ ମୃତ ପକ୍ଷୀ ହୁଡା ଉପରେ ପଡିଥିବା ଦେଖିବାକୁ ମିଳିଥିଲା। ଦୁଇଟି ପକ୍ଷୀ ୨/୪ ଦିନ ତଳୁ ମରିଥିବାରୁ ଗନ୍ଧ ହେଉଥିଲା। ଖବରପାଇ ବନବିଭାଗ ଟିମ ପହଁଛି ଦୁଇ ପକ୍ଷୀଙ୍କ ମୃତଦେହକୁ ଉଦ୍ଧାର କରିଛନ୍ତି। ଗୋଟିଏ ପଣ୍ଡା ହୀରନ ଓ ଅନ୍ୟଟି ଜାକାନା ପ୍ରଜାତିର ବୋଲି ବନବିଭାଗ ସୂତ୍ରରୁ ଜଣାପଡିଛି। ଦୁଇଟି ପକ୍ଷୀଙ୍କୁ ଭିତରକନିକା ଜାତୀୟ ଉଦ୍ୟାନର ବାରହାପିଟା ବିଟ୍ ହାଉସରେ ରଖାଯାଇଛି। ଶୁକ୍ରବାର ଏହାର ନମୂନା ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବୋଲି ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବୀ ପ୍ରସାଦ କୁଣ୍ଡ କହିଛନ୍ତି।

# ଚାଷୀ, ମହିଳା ଉଦ୍ୟୋଗୀ ଏକାଠି ହେଲେ



ଅରୁଣିମାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

କଳିଙ୍ଗନଗର,୧୧।୨(ଡି.ଏନ.ଏ.)

ଟାଟା ଷ୍ଟିଲ ପକ୍ଷରୁ ଆୟୋଜିତ ଅରୁଣିମାର ଦ୍ୱିତୀୟ ଦିବସରେ ଚାଷୀ ଓ ମହିଳା ଉଦ୍ୟୋଗୀମାନେ ଏକତ୍ର ହେବା ସହିତ ଅନ୍‌ଲାଇନ ମଞ୍ଚ ଜରିଆରେ ଜଳ ସଂରକ୍ଷଣ ଉପରେ ଆଲୋଚନା କରିଥିଲେ। ବିଭିନ୍ନ ସ୍ଥାନରୁ ୪୦୦ରୁ ଉର୍ଦ୍ଧ୍ୱ ଚାଷୀ ଅନ୍‌ଲାଇନ୍ ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ନିମ୍ନସ୍ତରରେ ଜଳ ସଂରକ୍ଷଣ ପାଇଁ ସେମାନେ ନେଇଥିବା ପଦକ୍ଷେପ ସମ୍ପର୍କରେ ପ୍ରକାଶ କରିଥିଲେ। ସେମାନେ ମହୁମାଛି ପାଳନ, କୁକୁଡ଼ା, ଛେଳି ପାଳନ ଓ ପନିପରିବା ଚାଷରେ ନିୟୋଜିତ ଅଛନ୍ତି। ପରିବାର ସଦସ୍ୟମାନେ ମଧ ତାଙ୍କୁ ଏହି କାର୍ଯ୍ୟରେ ସହଯୋଗ କରୁଛନ୍ତି। ସେ ଦୂରଦୂରାନ୍ତ ଗ୍ରାମର ହେବା ସତ୍ତ୍ୱେ ଚାଷ ପାଇଁ ଆଧୁନିକ ପଦ୍ଧତିର ବ୍ୟବହାର କରୁଛନ୍ତି। ଆଗାମୀ ପିଢି ରୋଜଗାର ପାଇଁ ଶ୍ରମିକ ହେବା ପରିବର୍ତ୍ତେ ଚାଷ କାର୍ଯ୍ୟରେ ନିୟୋଜିତ ହେବା ଉଚିତ। ଯଦି ଠିକ୍ ଭାବେ ଚାଷ କରାଯିବ ଏହା ଏକ ଉନ୍ନତ ବିକଳ୍ପ ବୋଲି ଛତୁ ଚାଷ କରୁଥିବା ସୁକାନ୍ତି ଗୁଡୁ କହିଥିଲେ। ଭାରତୀୟ କୃଷି ଗବେଷଣା ସଂସ୍ଥା (ଆଇସିଏଆର-ସିଆଇଡବ୍ଲୁଏ)ର ମୁଖ୍ୟ ବୈଜ୍ଞାନିକ ସବିତା ମିଶ୍ର ଅନ୍‌ଲାଇନ୍ ଆଲୋଚନା ଚକ୍ରରେ ଯୋଗ ଦେବା ସହିତ ବିଶ୍ୱସାରା କୃଷିରେ ନିୟୋଜିତ ଥିବା ମହିଳାମାନଙ୍କ ସ୍ଥାନୀୟ ଓ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ପ୍ରଦାନ କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ନାମେଣ୍ଟ

ପାରାଦୀପ,୧୧।୨(ସ୍ୱ.ପ୍ର)

ପାରାଦୀପ ଇଫ୍‌କୋ କାରଖାନା ପରିସରରେ ଗୁରୁବାର କର୍ପୋରେଟ୍ ସଂସ୍ଥାକୁ ନେଇ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଚାଲିବ। ଏଥିରେ ଇଫକୋ ସମେତ ଏଏମ୍‌ଏନ୍‌ଏସ, ପିପିଏଲ ଓ କୋଷ୍ଟଗାର୍ଡ ଭାଗନେଇଛନ୍ତି। ପ୍ରଥମ ଦିନରେ ୨ଟି ମ୍ୟାଚ ଖେଳଯାଇଛି। ପ୍ରଥମ ମ୍ୟାଚ ପିପିଏଲ-ଏଏମ୍‌ଏନ୍‌ଏସ୍ ଓ ଇଫ୍‌କୋ-କୋଷ୍ଟଗାର୍ଡ ମଧ୍ୟରେ ଖେଳାଯାଇଛି। ଟୁର୍ନାମେଣ୍ଟକୁ ଇଫ୍‌କୋ ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ ଉଦ୍‌ଘାଟନ କରିଥିଲେ।

# ଜିପସମ୍ ପରିବହନରେ ଅଚଳାବସ୍ଥା

ପାରାଦୀପ,୧୧।୨(ସ୍ୱ.ପ୍ର.)

ପାରାଦୀପ ଫସ୍‌ଫେଟସ ଲିମିଟେଡ ପରିସରରେ ଜିପ୍‌ସମ୍ ପରିବହନ ଉପରେ ଅଚଳାବସ୍ଥା ଜାରି ରହିଛି। କାରଖାନା ଏବଂ ବାଷ୍ପିତ ବିଭାଗ ପକ୍ଷରୁ ଜାନୁୟାରୀ ୨୭ରୁ ରୋକୋ ଲଗାଯାଇଛି। ଏହା ବନ୍ଦ ରହିବା ଯୋଗୁ କମ୍ପାନୀ, ପରିବହନକାରୀ ସଂସ୍ଥା, ଏଥିରେ ନିୟୋଜିତ ଶ୍ରମିକ କ୍ଷତିଗ୍ରସ୍ତ ହେଉଛନ୍ତି। ପରିବହନ ବ୍ୟବସ୍ଥାରେ ସୁଧାର ଆଣିବାକୁ ବିଭାଗ ପକ୍ଷରୁ ୧୨ଟି ପ୍ରସ୍ତାବ ଦିଆଯାଇଛି ବୋଲି କାରଖାନା ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ କହିଛନ୍ତି। ଏ ସମ୍ପର୍କରେ ପିପିଏଲ୍‌ର ଜନସମ୍ପର୍କ ଅଧିକାରୀ ସୁଧୀର ରଞ୍ଜନ ମିଶ୍ର କହିଛନ୍ତି, ଦିଆଯାଇଥିବା ପ୍ରସ୍ତାବ ମଧ୍ୟରୁ ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଖୁବ୍‌ଶୀଘ୍ର ଜିପ୍‌ସମ୍ ପରିବହନ ପୁଣି ଆରମ୍ଭ ହେବ। ଜାନୁୟାରୀରେ ଜିପସମ୍ ପରିବହନ ସ୍ଥଳରେ ୨ଟି ପୃଥକ୍ ଦୁର୍ଘଟଣାରେ ୨ ଜଣ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ କାରଖାନା ଏବଂ ବାଷ୍ପିତ ବିଭାଗ ପକ୍ଷରୁ ଜିପସମ୍ ପରିବହନ ଉପରେ ରୋକୋ ଲଗାଯାଇ ବ୍ୟବସ୍ଥାରେ ସୁଧାର ଆଣିବାକୁ ପ୍ରସ୍ତାବ ଦିଆଯାଇଥିଲା। ସେଗୁଡ଼ିକ ମଧ୍ୟରେ ଜିପ୍‌ସମ୍ ପଣ୍ଡ ପାଖକୁ ଯାତାୟାତ ରାସ୍ତା ଦୋହରିକରଣ, ପର୍ଯ୍ୟାପ୍ତ ଆଲୋକୀକରଣ, ସିକ୍ୟୁରିଟି ପଏଣ୍ଟ, କାର୍ଯ୍ୟରେ ୧୦ଜଣ ସୁପରଭାଇଜର ଓ ୫ଟା ଜେନେରେଟର ନିୟୋଜିତ କରିବା ଆଦି ପ୍ରମୁଖ ରହିଛି।

# ଅପହୃତା ନାବାଳିକା ଉଦ୍ଧାର, ୩ ଗିରଫ

ପଟ୍ଟାମୁଣ୍ଡାଇ,୧୧।୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜଣେ ନାବାଳିକା ଅପହୃତ ହେବାର ୨ ଘଣ୍ଟା ମଧ୍ୟରେ ପୋଲିସ ତାଙ୍କୁ ଉଦ୍ଧାର କରିଛି। ଏଥିସହିତ ଅପହରଣକାରୀ ୩ ଯୁବକଙ୍କୁ ଗିରଫ କରି ଗୁରୁବାର କେନ୍ଦ୍ରାପଡ଼ା ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ରାତିରେ ଥାନା ଅଞ୍ଚଳର ୧୭ ବର୍ଷୀୟା ନାବାଳିକାଙ୍କୁ ସ୍ଥାନୀୟ ଜଣେ ଯୁବକଙ୍କ ସହ ପାରାଦୀପର ୨ ଯୁବକ କାର ଯୋଗେ ନେଉଥିଲେ। ଖବର ପାଇ କେନ୍ଦ୍ରାପଡା ଏସ୍‌ପି ମଡକର ସନ୍ଦୀପ ସମ୍ପଦ ନାକାବନ୍ଦୀ କରିଥିଲେ। କେନ୍ଦ୍ରାପଡ଼ା ବୀରସୁତି ରାସ୍ତାର ଇଛାପୁର ନିକଟରେ ଅପହରଣକାରୀ ପୋଲିସ ହାବୁଡ଼ରେ ପଡିଥିଲେ। ଏସ୍‌ପି ଅପହରଣକାରୀଙ୍କୁ ଅଟକାଇ ପଟ୍ଟାମୁଣ୍ଡାଇ ଥାନାକୁ ଖବର ଦେଇଥିଲେ। ଆଇଆଇସି ରାକେଶ ତ୍ରିପାଠୀ ପହଞ୍ଚି ଅପହୃତା ନାବାଳିକା ଓ ଅପହରଣକାରୀଙ୍କୁ ଥାନାକୁ ଆଣିଥିଲେ। ପରେ ନାବାଳିକାଙ୍କ ପରିବାରକୁ ଥାନାକୁ ଡାକି ତାଙ୍କ ଜିମା ଦେଇଥିଲେ।

## ଆର୍ତ୍ତେଶ୍ୱରଙ୍କ ପୀଠରେ ତ୍ରିବେଣୀମେଳା

ଡେରାବିଶ, ୧୧।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁରଠାରେ ଥିବା ଶୈବପୀଠ ଆର୍ତ୍ତେଶ୍ୱରଙ୍କର ମନ୍ଦିର ବେଢ଼ାରେ ଗୁରୁବାରଠାରୁ ଆରମ୍ଭ ହୋଇଛି ତ୍ରିବେଣୀ ମେଳା ଓ ରୁଦ୍ରଶାନ୍ତି ମହାଯଜ୍ଞ। ଚଳିତବର୍ଷ କରୋନା ପାଇଁ କେବଳ ତ୍ରିବେଣୀ ବୁଡ଼ ସହ ରୁଦ୍ର ମହାଯଜ୍ଞ ହେଉଛି। ପ୍ରଶାସନିକ ନିର୍ଦ୍ଦେଶନାମା ଅନୁଯାୟୀ କେବଳ ନୀତିକାନ୍ତି ଓ ଯଜ୍ଞାନୁଷ୍ଠାନ ଚାଲିଥିବା ମେଳା କମିଟି ସଭାପତି ରଘୁନାଥ ସିହ୍ନା ସୂଚନା ଦେଇଛନ୍ତି। ସୋମବାର ଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ଅସୁରକ୍ଷିତ ଭାବେ କାମ କରୁଛନ୍ତି ଶ୍ରମିକ

**ଉଚ୍ଚ ପାଣି ଟାଙ୍କି ନିର୍ମାଣ**

ମହାକାଳପଡ଼ା, ୧୧।୨(ଡି.ଏନ.ଏ.)

ଘରକୁ ପାଇପ୍ ଯୋଗେ ପାନୀୟଜଳ ପହଞ୍ଚାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ଅପରପକ୍ଷେ ଅନେକ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖାଦେଉଥିବା ବେଳେ ଲୋକ ପାଣି ମୁନ୍ଦେ ପାଇଁ ଓହଳ ବିକଳ ହେଉଛନ୍ତି। ଏ ନେଇ ରାଜ୍ୟ ସରକାର ପାନୀୟ ଜଳ ପ୍ରକଳ୍ପକୁ ଅନେକ ସ୍ଥାନରେ ଭିତ୍ତିଭୂମି ପାଇଁ ନୂତନ ପ୍ରକଳ୍ପ ଆରମ୍ଭ କରିଥିବା କୁହାଯାଉଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଅଧୀନ ଉପକୂଳ ଅଞ୍ଚଳର ସ୍ଥାନୀୟ ପେଟଛେଲା ପଞ୍ଚାୟତର ସରୁମୁହିଁଠାରେ ୨୦୧୮ ଡିସେମ୍ବର ୮ରେ ୨୪୧ କୋଟି ଟଙ୍କା ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା। ତେବେ ଏହି ବୃହତ୍ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ଏକ କମ୍ପାନୀ ଠିକା ନେଇଛି। କମ୍ପାନୀ ନିର୍ମାଣ ଦାୟିତ୍ୱ ନେଇ ପରେ ଏହାକୁ ଛୋଟ ଠିକାଦାରଙ୍କୁ ଦେଇଛି। ଫଳରେ ନିର୍ମାଣ କାମରେ ନିୟୋଜିତ ହେଉଥିବା ଶ୍ରମିକ ଅସୁରକ୍ଷିତ ଭାବେ କାମ କରୁଥିବା ଅଭିଯୋଗ ହେଉଛି। ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ କମ୍ପାନୀର କୌଣସି ଅଧିକାରୀ ରହୁ ନ ଥିବା ଦେଖିବାକୁ ମିଳିଛି। ଏହି ସରୁମୁହିଁ ଗାଁ ପଡିଆରେ ରବିବାର ଉଚ୍ଚ ପାଣି ଟାଙ୍କି ନିର୍ମାଣରେ ଉପରକୁ ଶ୍ରମିକମାନେ ଢଲେଇ ସାମଗ୍ରୀ ମୁଣ୍ଡରେ ମୁଣ୍ଡେଇ ନେଉଥିବା ଦେଖିବାକୁ ମିଳିଥିଲା। ହେଲେ ସେମାନେ ହେଲ୍‌ମେଟ ଓ ଅନ୍ୟ ସୁରକ୍ଷା ସରଞ୍ଜାମ ପିନ୍ଧି ନ ଥିବାରୁ ଏମାନଙ୍କ ଜୀବନ ପ୍ରତି ବିପଦ ରହିଛି। ସୂଚନାଯୋଗ୍ୟ ଏହି ବୃହତ୍ ଉଚ୍ଚ ପାଣି ଟାଙ୍କି କଳାଗଡ ଗାଁରେ ବର୍ଷେ ପୂର୍ବେ ନିର୍ମାଣ ହେଉଥିଲା। ଉଚ୍ଚ ପାଣି ଟାଙ୍କି ଉପରୁ ଖସି ପଡ଼ିବା ଯୋଗୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ତେବେ ଦାୟିତ୍ୱରେ ଥିବା ଠିକା ସଂସ୍ଥାଙ୍କ ଖାମଖିଆଲ ମନୋଭାବ ପରିଲକ୍ଷିତ ହେଉଛି। ସେମାନେ ଶ୍ରମିକଙ୍କ ସୁରକ୍ଷା କଥା ଚିନ୍ତା କରୁନାହାନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ଚରଣ ନାୟକଙ୍କୁ ପଚାରିବାରେ ଶ୍ରମିକଙ୍କ ସୁରକ୍ଷା ଲାଗି ଠିକା କମ୍ପାନୀଙ୍କ ଦୃଷ୍ଟି ଆକର୍ଷଣ ସହ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ସରୁମୁହିଁ ଗାଁ ପଡ଼ିଆରେ ପାଣି ଟାଙ୍କି ନିର୍ମାଣ କାମରେ ନିୟୋଜିତ ଶ୍ରମିକ।

**ଜଳିଗଲା ଦୋକାନ: ୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ**

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,(ଡି.ଏନ.ଏ./ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅଧୀନ ବାଲିଚନ୍ଦ୍ରପୁର ବଜାରରେ ଥିବା ଦେବୀ ସାନିଟାରୀ ଦୋକାନ ଗୁରୁବାର ସକାଳେ ଜଳିଯାଇଛି। ଫଳରେ ଦୋକାନରେ ଥିବା ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ମାହାଙ୍ଗା ଥାନା ଓଲକଣା ଗ୍ରାମର ରାଜୀବ ଲୋଚନ ସାହୁଙ୍କ ଉକ୍ତ ଦୋକାନରେ ସକାଳ ୭ଟାରେ ବିଦ୍ୟୁତ୍ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ହୋଇଥିଲା। ସ୍ଥାନୀୟ ଦୋକାନୀମାନେ ଖବର ଦେଲାପରେ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ସବୁକିଛି ଜଳି ପାଉଁଶ ହୋଇ ଯାଇଥିଲା।

## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**ରସୁଲପୁର,୧୧।୨(ଡି.ଏନ.ଏ.):** କୁଆଖିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ରାଜକୁମାର ସହନୀ(୨୨) ନାମକ ଯୁବକଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ଘର ବିହାର ରାଜ୍ୟ ସମସ୍ତିପୁର ଜିଲା ଦିଲସିଂସରାଇ ଥାନା ଅନ୍ତର୍ଗତ ମୁକ୍ତିଆରପୁର ଗ୍ରାମରେ ବୋଲି ଜଣାପଡିଛି। ଗତ ୮ ତାରିଖ ରାତିରେ ଅଭିଯୁକ୍ତ ସମ୍ପୃକ୍ତ ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏନେଇ ଯୁବତୀ ୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ.୪୪।୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ କୁଆଖିଆ ବଜାର ନିକଟରେ ବୁଲୁଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ଅଭିଯୁକ୍ତ ଦୀର୍ଘବର୍ଷ ହେବ କୁଆଖିଆ ବଜାରରେ ରହି ଗୁପୁଚୁପ୍ ବ୍ୟବସାୟ କରୁଥିଲେ।

### କୁମାରୀ ପଞ୍ଚାୟତରେ ୬୩ ପ୍ରତିଶତ ମତଦାନ

**ଧର୍ମଶାଳା,୧୧।୨(ଡି.ଏନ.ଏ.):** ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତର ସରପଞ୍ଚ ପଦବୀ ଲାଗି ଗୁରୁବାର ହୋଇଥିବା ଉପନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ୧୨ଟାରେ ଶେଷ ହୋଇଥିଲା। ପଞ୍ଚାୟତରେ ୪୨୭୦ ଭୋଟର ରହିଥିବା ବେଳେ ୬୩ ପ୍ରତିଶତ ହାରରେ ୨୬୯୧ ଜଣ ଭୋଟର ମତଦାନ କରିଛନ୍ତି। ମତଦାନ ପରେ ପୋଲିଂ ଅଫିସରମାନେ ଭୋଟ ବାକ୍ସକୁ ନେଇ ବ୍ଲକ ଅଫିସରେ ଜମା ଦେଇଥିଲେ। ବ୍ଲକ କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମରେ ଭୋଟ ବାକ୍ସ ରଖାଯାଇଛି। ଶୁକ୍ରବାର ସକାଳ ୮ଟାରୁ ଭୋଟ ଗଣତି କରାଯାଇ ପ୍ରତିଦ୍ୱନ୍ଦିତା କରୁଥିବା ୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ ହେବ ବୋଲି ଧର୍ମଶାଳା ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି।

### ଘରେ ପଶି ଟଙ୍କା, ସୁନା ଲୁଟ୍

**ଛତିଆ,୧୧।୨(ଡି.ଏନ.ଏ.):** ବୈରୀ ଥାନା ଅଧୀନ ଶାଳପଡ଼ା ଗ୍ରାମର ରସାନନ୍ଦ ସାହୁଙ୍କ ଘରୁ ବୁଧବାର ରାତିରେ ଲୁଟ୍ ହୋଇଛି। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତ ତାଙ୍କ ଘର କବାଟ ଭାଙ୍ଗି ଗଡ୍ରେଜ୍‌ରୁ ୨୦ ହଜାର ଟଙ୍କା, ଏକ ସୁନାହାର, ହଳେ କାନ ଫୁଲ, ଏକ ମଙ୍ଗଳ ସୂତ୍ର ଓ ୩ ସୁନା ମୁଦି ଲୁଟି ନେଇଛନ୍ତି। ଏନେଇ ରସାନନ୍ଦ ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ଏସ୍‌ଆଇ ବିଶ୍ୱଜିତ୍ ବିଶ୍ୱାଳ, ଏଏସ୍‌ଆଇ ଅନିଲ ସାହୁ, କନଷ୍ଟେବଳ ଚୌଧୁରୀ ଲକ୍ଷ୍ମଣ ମିଶ୍ର ଓ ଅଫସର ଅଲ୍ଲି ପ୍ରମୁଖ ଘଟଣାସ୍ଥଳକୁ ଆସି ତଦନ୍ତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଅଞ୍ଚଳରେ ଦିନକୁ ଦିନ ଚୋରି ଡକାୟତି ବଢ଼ିବାରେ ଲାଗିଛି। ଯାହାକୁ ନେଇ ଜନସାଧାରଣ ଆତଙ୍କିତ ହୋଇ ପଡ଼ିଛନ୍ତି। ତେଣୁ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି।

### ୧୨ ବଖରା ଜଳିଗଲା

**ଏରସମା,୧୧।୨(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ ବୋଡିଗାଁରେ ଗୁରୁବାର ଅପରାହ୍ନରେ ନିଆଁ ଲାଗି ୧୨ ବଖରା ପୋଡ଼ିଯାଇଛି। ଏଥିରେ ଭଗବାନ ପାଇଟାଲ ଓ ଅରକ୍ଷିତ ପାଇଟାଲଙ୍କ ୪ ବଖରା ଲେଖାଏଁ ଜଳିଯାଇଥିବା ବେଳେ ଟୁକୁନା ବେହେରା, ବଂଶୀଧର ବେହେରା, ଦୁର୍ଯ୍ୟୋଧନ ବେହେରା ଓ ସୌଭାଗ୍ୟ ବେହେରାଙ୍କ ଗୋଟିଏ ଲେଖାଏଁ ଗୁହାଳ ପୋଡ଼ିଯାଇଛି। ଭଗବାନ୍ ଓ ଅରକ୍ଷିତଙ୍କ ଘରର ସମସ୍ତ ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଏରସମା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ସରପଞ୍ଚ ତପନ ଗୋଛାୟତ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ବାସନ, ଶୁଖିଲା ଖାଦ୍ୟ, ବସ୍ତ୍ର ଆଦି ଯୋଗେଇ ଦେଇଛନ୍ତି।

### ଲଡୁବାବାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ନୟାଗଡ ଅଫିସ,୧୧।୨:** ଶରଣକୁଳସ୍ଥିତ ଲଡୁବାବାଙ୍କ ପୀଠରେ ଗତ ୭ ତାରିଖରେ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାର ୫୪ ଜଣ ବ୍ରାହ୍ମଣ ଯୋଗ ଦେଇଥିଲେ। ମୁଖ୍ୟକର୍ତ୍ତାଭାବେ ମନ୍ଦିର ପରିଛା ତୋଷବନ୍ତ କର ଓ ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ ଏହାକୁ ପରିଚାଳନା କରିଥିଲେ। ଏଥିରେ ଶରଣକୁଳ ଓ ଆଖପାଖ ଅଞ୍ଚଳର ୩୦ ମହିଳା ଓ ପୁରୁଷ ନାମ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ।

# ୪ ଦିନ ଆନ୍ଦୋଳନ ପରେ ଦାବି ପୂରଣ ହେଲା

**କଳିଙ୍ଗନଗର ନୀଳାଚଳ ଇସ୍ପାତ୍ ନିଗମ ଲିଃ**
- ତ୍ରିପାକ୍ଷିକ ବୈଠକରେ ସମାଧାନ
- ୨ ଫାଟକରୁ ତାଲା ଖୋଲିଲା

**କଳିଙ୍ଗନଗର,୧୧।୨(ଡି.ଏନ.ଏ.)**

କଳିଙ୍ଗନଗରସ୍ଥିତ ଏକମାତ୍ର ସରକାରୀ ଉଦ୍ୟୋଗ ନୀଳାଚଳ ଇସ୍ପାତ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ) କର୍ମଚାରୀଙ୍କ ୯ ଦଫା ଦାବି ଗୁରୁବାର ନୀଳାଚଳ ଭବନରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଏହାପରେ ଗତ ୮ ତାରିଖରୁ ଚାଲିଥିବା ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ନୀଳାଚଳର ୨ ମ୍ୟାଟେରିଆଲ ଫାଟକରୁ ତାଲା ଖୋଲାଯାଇଛି।

କର୍ମଚାରୀ ଓ ଶ୍ରମିକମାନଙ୍କ ଦାବି ପୂରଣ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନେତୃବର୍ଗ କେବଳ ପ୍ରତିଶ୍ରୁତି ଦେଇ ଆସୁଥିଲେ। ଏହାପରେ କଳିଙ୍ଗନଗର ମଜଦୁର ୟୁନିୟନ ପକ୍ଷରୁ ଗତ ସୋମବାର ରାସ୍ତା ଅବରୋଧ କରାଯିବା ସହ ଆନ୍ଦୋଳନକୁ ବ୍ୟାପକ କରାଯାଇଥିଲା। ନୀଳାଚଳ କାରଖାନାର ୨ଟି ଗେଟ୍‌କୁ ତାଲା ପକାଇ ବନ୍ଦ କରାଯାଇଥିଲା। ପୂର୍ବରୁ ନିଲମ୍ବିତ କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି ସହ ସେମାନଙ୍କ ପ୍ରାପ୍ୟ ପ୍ରଦାନ ଉପରେ ଆନ୍ଦୋଳନରେ ଗୁରୁତ୍ୱ ଦିଆଯାଇଥିଲା। ଏହାପରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ଜୟରାମ ଶତପଥୀ ଓ କଳିଙ୍ଗନଗର ଆଇଆଇସି ସୁଶାନ୍ତ କୁମାର ଦାସ, ନୀଳାଚଳ କାରଖାନାର ଡିଜିଏମ୍ ସନ୍ତୋଷ କୁମାର ମଲ୍ଲିକ, ଇଡି ୱାର୍କସ ଏସ୍. ସରାଫ, ଏଜିଏମ୍ ମାନସ ରଞ୍ଜନ ଖଟେଇ, ମ୍ୟାନେଜର ପର୍ସନାଲ ପ୍ରଶାନ୍ତ କୁମାର ରାଉତ ଓ ଶିବ ପ୍ରସାଦ ରାଉତ, ଏମ୍‌ଡିଙ୍କ ସେକ୍ରେଟାରୀ ସନ୍ତୋଷ କୁମାର ପଣ୍ଡା ଏବଂ ୟୁନିୟନ ପକ୍ଷରୁ ସାଧାରଣ ସମ୍ପାଦକ ବିଷ୍ଣୁଚରଣ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ପ୍ରିୟନାଥ ମହନ୍ତ, ଉପସଭାପତି ଅଭିରାମ ଦାସ, ଶୁଭାଶିଷ ରାୟ ଓ ଦେବେନ୍ଦ୍ର ମହନ୍ତଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ସମସ୍ତ ବକେୟା ଦରମା ଓ ଅନ୍ୟାନ୍ୟ ଭତ୍ତା, ବ୍ୟାଙ୍କ ଆକାଉଣ୍ଟ ଏବଂ ମାଇନିଂ ଅପରେଶନ ପୁନର୍ଗଠନ କରିବା ପରେ ବ୍ଲାଷ୍ଟ ଫର୍ନେସକୁ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମେଡିକାଲ ସୁବିଧା, ରୋଗଗ୍ରସ୍ତ କର୍ମଚାରୀଙ୍କ ବକେୟା ଅର୍ଥ ପ୍ରଦାନ, ବାହ୍ୟ ମାମଲାରେ ଛନ୍ଦି ହୋଇ ନିଲମ୍ବିତ ହୋଇଥିବା କର୍ମଚାରୀ ସରକାରୀ ଗାଇଡ୍ ଲାଇନ ଅନୁସାରେ ଜାମିନ ପାଇଥିବା ସଂକ୍ରାନ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରିବା ପରେ ସେମାନଙ୍କୁ ପୁନଃ ନିଯୁକ୍ତି ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା।

# ମା' ବିରଜାଙ୍କ ସ୍ୱନକ୍ଷତ୍ର ଉତ୍ସବ



ମା'ଙ୍କ ମନ୍ଦିର ରଙ୍ଗିନ ଆଲୋକ ଓ ଫୁଲରେ ସଜେଇ ହୋଇଛି।

**ଯାଜପୁର ଟାଉନ,୧୧।୨(ଡି.ଏନ.ଏ.)**

**ସକାଳ ୬ରୁ ଆରମ୍ଭ ହେଲା ଦର୍ଶନ**

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସ୍ୱନକ୍ଷତ୍ର(ଜନ୍ମ ଦିନ)ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ସେଥିପାଇଁ ସକାଳୁ ୬ଟାରୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ରାତି ୧୦ଟା ପର୍ଯ୍ୟନ୍ତ ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ।

ସକାଳ ୫ଟା୩୦ରେ ମନ୍ଦିର ସିଂହଦ୍ୱାର ଖୋଲାଯାଇଥିଲା। ଏହା ପୂର୍ବରୁ ମା'ଙ୍କ ନିତ୍ୟ ସ୍ନାନ, ପୂଜା ବେଶ ଆଦି ସରିବା ପରେ ସକାଳ ୭ଟା୩୦ରେ ମହାସ୍ନାନ କରାଯାଇଥିଲା। ପୁନରାୟ ଉକ୍ତ ଦିନର ବେଶ କରାଯାଇଥିଲା। ୧୨ଟା୩୦ରେ ମା'ଙ୍କ ଷୋଡ଼ଶୋପଚାର ପୂଜା କରାଯିବା ପରେ ଅପରାହ୍ନ ୫ଟା୩୦ରେ ନୀତି ଲାଗି କରାଯାଇଥିଲା। ପରେ ଯଜ୍ଞ ଆରମ୍ଭ କରାଯାଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ସନ୍ଧ୍ୟାରେ ଆଳତି କରାଯାଇ ରାତି ୯ଟାରେ ରାତ୍ରି ପୂଜା ଓ ନୀତି ଆୟୋଜନ କରାଯାଇଥିଲା। ବିଶେଷ ପୂଜାଥିବାରୁ ମଧ୍ୟାହ୍ନରେ ମା'ଙ୍କ ପହଡ଼ ହୋଇ ନ ଥିଲା। ତେଣୁ ଭକ୍ତମାନେ ଦିନ ଓ ରାତିରେ ମା'ଙ୍କୁ ଦର୍ଶନ କରିପାରିଥିଲେ।

ମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପରିଚାଳକ ତଥା ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ତହସିଲଦାର ସୁଶାନ୍ତ କୁମାର ପତି ଓ ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ ଅନୁପ କୁମାର ବେହେରା ମନ୍ଦିରରେ ଉପସ୍ଥିତ ଥିଲେ। ଯାଜପୁର ଟାଉନ ପୋଲିସ ପକ୍ଷରୁ ଥାନାଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ନେତୃତ୍ୱରେ ଆଇନଶୃଙ୍ଖଳା ଉପରେ ନଜର ରଖାଯାଇଥିଲା। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ମହିଳା ଓ ପୁରୁଷଙ୍କ ନିମନ୍ତେ ଭିନ୍ନ ଧାଡ଼ି କରାଯାଇଥିଲା।

# ଯାତାୟାତ ସୁବିଧା ଦାବିରେ କଲେଜ ଛାତ୍ରୀଛାତ୍ରଙ୍କ ଧାରଣା



କଲେଜ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**କାଳିଆପାଣି,୧୧।୨(ଡି.ଏନ.ଏ.)**

ସୁକିନ୍ଦା ଖଣି ଅଞ୍ଚଳରୁ କଲେଜ ଯିବାପାଇଁ ସୁବିଧା ନ ହେବାରୁ ଗୁରୁବାର କୁହିକାଠାରେ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ। କଲେଜ ଅଧ୍ୟକ୍ଷ ପହଞ୍ଚି ଏହାର ସମାଧାନ ଲାଗି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଧାରଣାରୁ ଉଠିଥିଲେ। ସୂଚନା ଅନୁସାରେ, ସୁକିନ୍ଦା ମହାବିଦ୍ୟାଳୟ ଓ ଭୁବନ ବାଜିରାଉତ ମହାବିଦ୍ୟାଳୟ ଛାତ୍ରୀଛାତ୍ରୀ ଖଣି ଅଞ୍ଚଳରୁ ଯାତାୟାତ କରୁଛନ୍ତି। ପୂର୍ବରୁ ଖଣି ଅଞ୍ଚଳରୁ ୨ ବସରେ ଛାତ୍ରୀଛାତ୍ର ଯାତାୟାତ କରୁଥିଲେ। ହେଲେ ଏବେ ଗୋଟିଏ ବସ୍ ଛାତୀଛାତ୍ରଙ୍କୁ ନେବା ଆଣିବା କରୁଥିବାରୁ ଅନେକ ଛାତ୍ରୀଛାତ୍ର ଯାତାୟତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ ଘଣ୍ଟାରୁ ଊର୍ଦ୍ଧ୍ୱ ରାସ୍ତା ଅବରୋଧ ପରେ ସୁକିନ୍ଦା କଲେଜ ଅଧ୍ୟକ୍ଷ କୃଷ୍ଣବଲ୍ଲଭ ଶତପଥୀ ପହଞ୍ଚି ଧାରଣାରତ ଛାତ୍ରୀଛାତ୍ରଙ୍କ ସହ ଆଲେଚନା କରିଥିଲେ। ଶୁକ୍ରବାରଠାରୁ ସମସ୍ତ ଛାତ୍ରୀଛାତ୍ରଙ୍କ ଯାତାୟାତ ସବୁଧା କରିବାକୁ ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟକ୍ଷଙ୍କଠାରୁ ପ୍ରତିଶ୍ରୁତି ପାଇବା ପରେ ଛାତ୍ରୀଛାତ୍ରୀ ଧାରଣାରୁ ଓହରି ଯାଇଥିଲେ।

## ମାର୍ଚ୍ଚ ୧ରୁ ନାଟକ ମହୋତ୍ସବ

**ନୟାଗଡ ଅଫିସ,୧୧।୨**

ନାଟକ ମହୋତ୍ସବ ପାଇଁ ନୟାଗଡ 'ନାଟ୍ୟଧାରା' ପକ୍ଷରୁ ପ୍ରସ୍ତୁତି ବୈଠକ ଏମ୍‌ଆଇ କଲୋନୀ କମ୍ୟୁନିଟି ହଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟଧାରା ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାର୍ଚ୍ଚ ୧ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମରେ ନାଟକ ମଞ୍ଚସ୍ଥ ହେବ। ନୟାଗଡ଼, ବରଗଡ଼,ଢେଙ୍କାନାଳ,ରାଉରକେଲା ଏବଂ ଭୁବନେଶ୍ୱରର ୩ ଅଗ୍ରଣୀ ନାଟ୍ୟାନୁଷ୍ଠାନର କଳାକାରମାନେ ସାମିଲ ହେବେ। ଅନ୍ତିମ ଦିବସରେ ହାସ୍ୟାଭିନେତା ପ୍ରଜ୍ଞା ଖଟୁଆଙ୍କ ନାଟକ ମଞ୍ଚସ୍ଥ ହେବ। ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ନିର୍ଦ୍ଦେଶକ ଡ.ବିଜୟ କୁମାର ଚୌଧୁରୀ, ଆଶୁତୋଷ ମିଶ୍ର,ସାହିତ୍ୟିକ ନିର୍ମଳ ଶୂରଦେଓ, କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ଶେଖ ଅବଦୁଲ ଖାଲିକ, ପ୍ରଦୀପ୍ତ କୁମାର ଡାକୁଆ, କଣ୍ଠଶିଳ୍ପୀ ନବକିଶୋର ମିଶ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ: ସ୍ୱାମୀ ଗିରଫ

**ଜଗତ୍‌ସିଂହପୁର ଅଫିସ, ୧୧।୨**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ମାର୍କଣ୍ଡପୁରର ରେଖା ସାହୁଙ୍କୁ ସ୍ୱାମୀ ଯଶୋବନ୍ତ ସାହୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ପୋଲିସ ଯଶୋବନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଧିକ ଯୌତୁକ ଦାବି କରି ଯଶୋବନ୍ତ ରେଖାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଥରେ ରେଖାଙ୍କ ଭାଇ ଓ ବାପା ଆସିଥିଲେ। ହେଲେ ସ୍ୱାମୀ ଓ ଶାଶୁ ଘର ଲୋକେ ମାଡ଼ ମାରିଥିଲେ। ବୁଧବାର ଶାଶୁ ଓ ସ୍ୱାମୀ ତାଙ୍କୁ ମାଡ଼ ମାରିଥିଲେ। ଫଳରେ ରେଖାଙ୍କ ମୁଣ୍ଡ ଓ ଅଣ୍ଟାରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ବୋଲି ରେଖା ଦର୍ଶାଇଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୩୫/୨୧) ରୁଜୁ ହୋଇଛି।

## ସରିଲା ଅମଠପୁର ଉପନିର୍ବାଚନ: ଆଜି ଫଳାଫଳ

**ବରୀ,୧୧।୨(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ଅମଠପୁର ପଞ୍ଚାୟତର ସରପଞ୍ଚ ଉପନିର୍ବାଚନ ଗୁରୁବାର ଶେଷ ହୋଇଛି। ଏଥିରେ ୮୧ ପ୍ରତିଶତ ମତଦାନ ହୋଇଛି। ଶୁକ୍ରବାର ସକାଳ ୮ଟାରେ ଭୋଟ ଗଣତି ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ମଧ୍ୟରେ ଫଳାଫଳ ଘୋଷଣା କରାଯିବ ବୋଲି ବିଡିଓ ତଥା ନିର୍ବାଚନ ଅଧିକାରୀ ଶିବାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି। ତେବେ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ୧୪୪ ଧାରା ଜାରି କରାଯିବ ବୋଲି ବରୀ ରାମଚନ୍ଦ୍ରପୁର ଥାନା ଅଧିକାରୀ ଅଜୟ କୁମାର ଜେନା ପ୍ରକାଶ କରିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା କ୍ଷେତ୍ରରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିଲା। ପଞ୍ଚାୟତର ୩୬୩୨ ମତଦାତାଙ୍କ ମଧ୍ୟରୁ ୨୯୬୬ଜଣ ମତଦାନ କରିଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ମତଦାତାଙ୍କ ସଂଖ୍ୟା ୧୫୪୩ ଓ ମହିଳା ମତଦାତାଙ୍କ ସଂଖ୍ୟା ୧୪୨୩ ରହିଛି। ଆଇନଶୃଙ୍ଖଳା ରକ୍ଷା କରିବାକୁ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର୍, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନାରାୟଣଚନ୍ଦ୍ର ବାରିକ, ଅତିରିକ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ବରୀ ତହସିଲଦାର ସରୋଜକାନ୍ତ ନାୟକ, ନିର୍ବାଚନ ଅଧିକାରୀ ଶିବାନନ୍ଦ ସ୍ୱାଇଁ, ୪ ସହକାରୀ ସବ୍‌ଇନ୍ସପେକ୍ଟର, ୫ସବ୍‌ଇନ୍ସପେକ୍ଟର, ୬ ଇନ୍ସପେକ୍ଟର ଉପସ୍ଥିତ ରହି ଆଇନଶୃଙ୍ଖଳା ଉପରେ ଦୃଷ୍ଟି ରଖିଥିଲେ। ମଧ୍ୟାହ୍ନ ୧୨ଟାରେ ଭୋଟଦାନ ଶେଷ ହେବା ପରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୋଟ ବାକ୍ସଗୁଡ଼ିକୁ ବ୍ଲକ୍ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇ ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି।

## ପାଚିକା ପ୍ରାପ୍ୟ ପାଇବା ନେଇ ଆଶାବାଦୀ

**ଓଡ଼ଗାଁ, ୧୧।୨(ସ୍ୱ.ପ୍ର.)**

ନୂଆଗାଁ ବ୍ଲକ ବାହାଡ଼ାଖୋଲା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଦୁଇବର୍ଷ ହେଲା ନିଯୁକ୍ତି ପାଇଥିବା ପାଚିକା ପାର୍ବତୀ ସାହୁ ପ୍ରାପ୍ୟ ପାଇବା ନେଇ ଆଶାବାଦୀ ହୋଇଛନ୍ତି। ସୂଚନା ଅନୁସାରେ, ସେ ବାହାଡାଖୋଲା ବାଳିକା ହାଇସ୍କୁଲରେ ଦୀର୍ଘ ୯ ବର୍ଷ ପାଚିକା ଭାବେ କାମ ତୁଲାଇଥିଲେ। ସ୍କୁଲରୁ ୮ମ ଶ୍ରେଣୀ ଉଚ୍ଛେଦ ଯୋଗୁ ତାଙ୍କୁ ଛଟେଇ ହେବାକୁ ପଡିଥିଲା। ପରେ ସେ ବାହାଡ଼ାଖୋଲା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଖାଲିଥିବା ପାଚିକା ପଦବୀ ନିମନ୍ତେ ରାଜ୍ୟ ସରକାରଙ୍କ ଅତିରିକ୍ତ ଶାସନ ସଚିବ ଓ ଜିଲାପାଳଙ୍କ ଦ୍ୱାରା ଜାରି କରାଯାଇଥିବା ସରକାରୀ ନିୟମାନୁସାରେ ଆବେଦନ କରିଥିଲେ। ହେଲେ ସ୍କୁଲ କର୍ତ୍ତୃପକ୍ଷ ଏଥିରୁ ତାଙ୍କୁ ବଞ୍ଚିତ କରିଥିଲେ।

ପାର୍ବତୀଙ୍କୁ ପାଚିକା ପଦବୀରେ ଥଇଥାନ କରିବାକୁ ନିୟମ ଥିବାବେଳେ ତାଙ୍କୁ ଅଣଦେଖା କରାଯାଇ ଅନ୍ୟ ଜଣେ ମହିଳାଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏ ସଂକ୍ରାନ୍ତରେ ପାର୍ବତୀ ତତ୍କାଳୀନ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକାଧିକ ଥର ଅଭିଯୋଗ କରିଥିଲେ। ଏ ନେଇ ଧରିତ୍ରୀରେ ୨୭।୧୦।୧୮ରେ ଖବର ପ୍ରକାଶ ପାଇଥିଲା। ପରେ ଜିଲା ଓ ବ୍ଲକ ଶିକ୍ଷାଧିକାରୀ ବେଆଇନ ଭାବେ ନିଯୁକ୍ତି ପାଇଥିବା ପାଚିକାଙ୍କୁ ବହିଷ୍କାର କରିବା ସହ ପାର୍ବତୀଙ୍କୁ ନିଯୁକ୍ତି ଦେବାକୁ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାର୍ବତୀ ୨୦୧୯ ଜାନୁୟାରୀ ୧୦ରେ ସମ୍ପୃକ୍ତ ସ୍କୁଲରେ କାମରେ ଯୋଗଦେଇଥିଲେ। ହେଲେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଏଯାବତ୍ ପାରିଶ୍ରମିକ ପ୍ରାପ୍ୟ ପ୍ରଦାନ କରିନାହାନ୍ତି। ଫଳରେ ପାର୍ବତୀ ମାନସିକ, ଆର୍ଥିକ ଚାପରେ ରହି ବାରମ୍ବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଫଳସ୍ୱରୂପ ନୂଆଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷକଙ୍କୁ ଏଥିନିମନ୍ତେ ଦାୟୀ କରିବା ସହ ଦରମା ବନ୍ଦ କରିଥିଲେ। ହେଲେ ଏହାଦ୍ୱାରା ସମ୍ପୃକ୍ତ ପାଚିକାଙ୍କ ସମସ୍ୟା ସମାଧାନ ହୋଇ ନ ଥିବା ନୂଆଗାଁ ବିଇଓ ପ୍ରସନ୍ନ କୁମାର ପଣ୍ଡାଙ୍କୁ ପଚାରିବାରେ, ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ୭ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ଜଣାଇଛନ୍ତି। ଯଦି ସେ କୌଣସି ପଦକ୍ଷେପ ନ ନିଅନ୍ତି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ କହିଥିବାରୁ ପାଚିକା ପାର୍ବତୀ ପ୍ରାପ୍ୟ ପାଇବେ ନେଇ ଆଶାବାଦୀ ଅଛନ୍ତି।

## ଏନ୍‌ଏସି କାର୍ଯ୍ୟାଳୟ ଘେରାଉ ଧମକ

**ଖଣ୍ଡପଡା,୧୧।୨(ସ୍ୱ.ପ୍ର.)**

ଖଣ୍ଡପଡା ସହରର ୩ନଂ. ୱାର୍ଡ ଅଧୀନ କାଦୁଆସାହି ବାସିନ୍ଦା ବିପର୍ଯ୍ୟସ୍ତ ଡ୍ରେନ ବ୍ୟବସ୍ଥାକୁ ନେଇ ବହୁ ବର୍ଷ ଧରି ହନ୍ତସନ୍ତ ହେଉଛନ୍ତି। ଡ୍ରେନରୁ ଠିକ୍ ସମୟରେ ଆବର୍ଜନା,ପଙ୍କ ନିଷ୍କାସନ କରାଯାଉନାହିଁ। ଏଥିଯୋଗୁ ଅସରାଏ ବର୍ଷା ହେଲେ ନର୍ଦ୍ଦମା ପାଣି ସ୍ଥାନୀୟ ବାସିନ୍ଦାଙ୍କ ଘରେ ପଶୁଛି। ମଶା ମାଛିଙ୍କ ସଂଖ୍ୟା ବି ଦିନକୁ ଦିନ ବଢ଼ି ଚାଲିଛି। ଏଥିପାଇଁ ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ଯାଇଛି। ନର୍ଦ୍ଦମା ଜଳ ସେହି ଫଟା ପାଇପରେ ପ୍ରବେଶ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ନୂତନ ଡ୍ରେନ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଏଥିରେ ବିଳମ୍ବ ହେଲେ ସ୍ଥାନୀୟ ବାସିନ୍ଦା ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ନାଡ଼ି କାଟି ଦେବାରୁ ପ୍ରସୂତିଙ୍କ ମୃତ୍ୟୁ

**ଯାଜପୁର ଟାଉନ,୧୧।୨(ଡି.ଏନ.ଏ.)**

**ଅସ୍ତ୍ରୋପଚାର ଲାଗି ୫ ହଜାର ଟଙ୍କା ଲାଞ୍ଚ ଅଭିଯୋଗ**

ଯାଜପୁର ଜିଲା ମୁଖ୍ୟଚିକିତ୍ସାଳୟରେ ଅସ୍ତ୍ରୋପଚରାବେଳେ ନାଡ଼ି କଟିଯିବାରୁ ଜଣେ ପ୍ରସୂତିଙ୍କ ମୃତ୍ୟୁ ହୋଇଛି। ଏଥିସହିତ ଅସ୍ତ୍ରୋପଚାର ଲାଗି ଡାକ୍ତର ୫ ହଜାର ଟଙ୍କା ନେଇଥିଲେ ବୋଲି ଅଭିଯୋଗ ହୋଇଛି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମହିଳାଙ୍କ ସ୍ୱାମୀ ଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

ସୂଚନା ଅନୁସାରେ, ବିଞ୍ଝାରପୁର ଥାନା ଅଧୀନ ଘଣ୍ଟିଆଳି ଗ୍ରାମର ଶ୍ୟାମାନନ୍ଦ ନାୟକଙ୍କ ସ୍ତ୍ରୀ ମନସ୍ୱିନୀଙ୍କ ଗର୍ଭଯନ୍ତ୍ରଣା ହେବାରୁ ମଙ୍ଗଳବାର ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତର ମନସ୍ୱିନୀଙ୍କ ସ୍ୱାମୀଙ୍କୁ ଅପରେଶନ ପାଇଁ ୫ ହଜାର ଟଙ୍କା ମାଗିଥିଲେ। ଶ୍ୟାମାନନ୍ଦ ଟଙ୍କା ଦେବାପରେ ବୁଧବାର ମନସ୍ୱିନୀଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ସେଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ମାତ୍ର ଏହାପରେ ମନସ୍ୱିନୀଙ୍କ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତେଣୁ ମନସ୍ୱିନୀଙ୍କୁ ୭ଟି ରକ୍ତ ଦିଆଯାଇଥିଲା। ହେଲେ ରକ୍ତସ୍ରାବ ବନ୍ଦ ନ ହେବାରୁ ତାଙ୍କୁ କଟକ ବଡମେଡିକାଲ ନେବାପାଇଁ ସମ୍ପୃକ୍ତ ଡାକ୍ତର କହିଥିଲେ। ପରିବାର ଲୋକେ ମନସ୍ୱିନୀଙ୍କୁ କଟକ ବଡ଼ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ଏକ ନାଡ଼ି କାଟିଦିଆଯାଇଥିବାରୁ ଏପରି ରକ୍ତସ୍ରାବ ହେଉଛି ବୋଲି କହିଥିଲେ। ଅତ୍ୟାଧିକ ରକ୍ତସ୍ରାବ କାରଣରୁ ସେ ଗୁରୁତର ହୋଇପଡିଥିଲେ। ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ବରୁ ତାଙ୍କର ଏକ ୪ବର୍ଷର ଏକ ପୁଅ ଅଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ ତାହା ସମ୍ଭବ ହୋଇ ପାରିନାହିଁ।

## ଗାଡ଼ି ଭଡ଼ା ନ ଦେଇ ହତ୍ୟା ଧମକ

**ଜଗତ୍‌ସିଂହପୁର ଅଫିସ, ୧୧।୨**

ଗାଡ଼ି ଭଡ଼ା ନ ଦେଇ ହତ୍ୟା ଧମକ ଦେବା ଅଭିଯୋଗରେ ଜଗତ୍‌ସିଂହପୁର ପୋଲିସ ଗୁରୁବାର ବାଲିଦକୁଦା ଥାନା ଅନ୍ତର୍ଗତ ସାରଣୀର ସମ୍ପଦ କୁମାର ସ୍ୱାଇଁଙ୍କୁ ଗିରଫ କରିଛି। ତାଙ୍କଠାରୁ ଅଡ଼ି କାର ଓ ସ୍କର୍ପିଓ ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ.୩୫/୨୧) ରୁଜୁ ହୋଇଛି। ସମ୍ପଦ ଭୁବନେଶ୍ୱର ଓଲଡ୍‌ଟାଉନସ୍ଥିତ ଏକ ଆପର୍ଟମେଣ୍ଟରେ ରୁହନ୍ତି। ତାଙ୍କୁ ଜଗତ୍‌ସିଂହପୁର କଣ୍ଟାବଲ୍ଲଭପୁରର ରାଜେନ୍ଦ୍ର କୁମାର ମହାନ୍ତି ୨ଟି ହାଇୱା ଓ ଗୋଟିଏ ସ୍କର୍ପିଓ ଗାଡ଼ି ମାସିକିଆ ଭଡ଼ା ସୂତ୍ରରେ ଦେଇଥିଲେ। ଏବାବଦରେ ରାଜେନ୍ଦ୍ରଙ୍କୁ ମାସକୁ ୩,୭୫,୦୦୦ ଟଙ୍କା ଦେବାକୁ ୨୦ ନଭେମ୍ବର ୨୦୧୯ରେ ଚୁକ୍ତି ହୋଇଥିଲା। କିଛି ମାସ ଭଡ଼ା ଦେବା ପରେ ସମ୍ପଦ ଆଉ ଟଙ୍କା ଦେଇ ନ ଥିଲେ। ଗତମାସ ୨୯ରେ ରାଜେନ୍ଦ୍ର ତାଙ୍କୁ ଟଙ୍କା ମାଗିଥିଲେ। ହେଲେ ଟଙ୍କା ଆଉ ଦେବେ ନାହିଁ କହି ସମ୍ପଦ ଓ ତାଙ୍କ ଭଣଜା ରାଜେନ୍ଦ୍ରଙ୍କ ବେକରେ ଛୁରି ଲଗାଇ ହତ୍ୟା ଧମକ ଦେଇଥିଲେ।

## ପ୍ରଭାବିତ ହେବେ ଶତାଧିକ ମତ୍ସ୍ୟଜୀବୀ

**ମହାକାଳପଡ଼ା,୧୧।୨(ଡି.ଏନ.ଏ.)**



ମହାନଦୀରୁ ମାଛ ମାରି ମହିଳା ମତ୍ସ୍ୟଜୀବୀ କୂଳକୁ ଫେରୁଛନ୍ତି।

**ମହାନଦୀରେ ପ୍ରସ୍ତାବିତ ନଦୀ ଭିତ୍ତିକ ବନ୍ଦର**

କେନ୍ଦ୍ରାପଡ଼ା ଜିଲାର ଉପକୂଳ ମହାକାଳପଡ଼ା ବ୍ଲକ ସ୍ଥାନୀୟ ରାମନଗର ଓ ବରକନ୍ଧା ପଞ୍ଚାୟତର ଆଖଡ଼ାଶାଳୀ ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ପ୍ରସ୍ତାବିତ ନଦୀଭିତ୍ତିକ ବନ୍ଦର ନିର୍ମାଣ ହେବ। ହେଲେ ଏହି ଅଞ୍ଚଳର ବହୁ ପାରମ୍ପରିକ ମତ୍ସ୍ୟଜୀବୀ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି। ଏହି ନଦୀରୁ ମାଛ ମାରି ପରିବାର ଚଳାନ୍ତି, ସେହିପରି ସ୍ଥାନୀୟ ପିତାପାଟ ଗ୍ରାମର ମହିଳା ମତ୍ସ୍ୟଜୀବୀ ଦମୟନ୍ତୀ ବେହେରା କୁହନ୍ତି, ମାଛ ମାରିଲେ ପରିବାର ଚଳେ, ମହିଳା ହୋଇକି ବି ଦୈନିକ ମହାନଦୀ ମୁହାଣରେ ଛୋଟ ଡଙ୍ଗାରେ ବିପଦପୂର୍ଣ୍ଣ ଭାବେ ଜାଲ ଦେଇ ମାଛ ମାରି ଥାନ୍ତି। ଝଡ, ବାତ୍ୟାକୁ ଖାତିର ନ କରି ମାଛ ମାରି ନିକଟ ବଜାରରେ ବିକ୍ରି କରି ତେଲ ଲୁଣ ସଂସାର ଚଳାଇଥାନ୍ତି। ଆଗାମୀ ଦିନରେ ବନ୍ଦର ହେଲେ ନଦୀରେ ମାଛ ସଂଖ୍ୟା ହ୍ରାସ ପାଇବ। ଅପରପକ୍ଷେ ବନ୍ଦର ନିର୍ମାଣ ହେଲେ କର୍ମ ସଂସ୍ଥାନ ମିଳିବ। ତେବେ ଆମେ ଗରିବ ଲୋକ ଆମକୁ ପଚାରେ କିଏ। ମହାନଦୀରେ ଆମ ପରି ଅନେକ ମହିଳାମାନେ ବିପଦପୂର୍ଣ୍ଣ ଭାବେ ମାଛ ମାରିବା ବେଳେ ଜୀବନ ବିତାଇବାକୁ ପଡ଼ିଥାଏ। ଜମିବାଡିନ ଥିବାରୁ କେବଳ ନଦୀ ଉପରେ ନିର୍ଭର କରିବାକୁ ପଡ଼ିଥାଏ ବୋଲି ଅନେକ ପରିବାର ଲୋକ ନିଜର ଦୁଃଖ ବଖାଣିଛନ୍ତି। ଏହି ମାଛ ଧରାଳି ପରିବାରଙ୍କୁ ବନ୍ଦର ନିର୍ମାଣ ହେଲେ ସ୍ୱତନ୍ତ୍ର ସହାୟତା ଯୋଗାଇ ଦେବାକୁ ପ୍ରାକ୍ତନ ସରପଞ୍ଚ ବିକାଶ ଦେବନାଥ ମତବ୍ୟକ୍ତ କରିଛନ୍ତି।

## ଦୁର୍ନୀତି ତଦନ୍ତ ଦାବିରେ ବିଡିଓଙ୍କୁ ଦାବିପତ୍ର

**ନାଉଗାଁ,୧୧।୨(ସ୍ୱ.ପ୍ର)**

ନାଉଗାଁ ବ୍ଲକ ଅନ୍ତର୍ଗତ ଜାମୁଗାଁ ପଞ୍ଚାୟତରେ ବିଭିନ୍ନ ଦୁର୍ନୀତି ହୋଇଥିବା ଅଭିଯୋଗ କରି ତଦନ୍ତ ଦାବିରେ ସାମାଜିକ କର୍ମୀ ଦିଲୀପ ପାତ୍ରୀ ୬ ଦଫା ସମ୍ବଳିତ ଦାବିପତ୍ର ବିଡିଓ ରଶ୍ମିରେଖା ମଲିକଙ୍କୁ ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ମାର୍ଚ୍ଚ ୧ରୁ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି। ଅନ୍ତ୍ୟୋଦୟ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ଫନି ବାତ୍ୟା କ୍ଷତିପୂରଣ ସମୟରେ ଅସାଧୁ ଉପାୟରେ ଅର୍ଥ ହଡ଼ପ କରାଯାଇଛି ବୋଲି ମଲିକ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏବିଷୟରେ ବିଡିଓ ରଶ୍ମିରେଖା ମଲିକ କହିଛନ୍ତି, ଅଭିଯୋଗ ପାଇଛୁ, ତଦନ୍ତ କରାଯିବ।

